# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର

ପତ୍ର ସଂଖ୍ୟା ୧୦୧୯ / ସଂସ୍କୃତି /ତା. ୧୮.୧୦.୨୦୨୫

ପ୍ରାପ୍ତେଷୁ,

ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କେନ୍ଦୁଝର
ସମସ୍ତ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, କେନ୍ଦୁଝର

ବିଷୟ :- ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ରରେ ଓଡିଶୀ ନୃତ୍ୟ ଓ ସଙ୍ଗୀତ ଶିକ୍ଷା ସମ୍ବନ୍ଧରେ

ମହାଶୟା / ମହାଶୟ,

ଉପରୋକ୍ତ ବିଷୟ ଓ ପ୍ରସଙ୍ଗାନୁକ୍ରମେ ମୁଁ ନିର୍ଦ୍ଦେଶିତ ହୋଇ ଏଥି ସହ ପ୍ରଶାସନିକ ଅଧିକାରୀ, ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ର, ଭୁବନେଶ୍ୱରଙ୍କଠାରୁ ପ୍ରାପ୍ତ ପତ୍ର ସଂଖ୍ୟା. ୬୬୫ / ତା. ୧୬.୧୦.୨୦୨୫ ର ଅବିକଳ ନକଲ ସଂଲଗ୍ନ ପୂର୍ବକ ଜଣାଇବାକୁ ଚାହେଁ ଯେ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ରରେ ଚଳିତ ବର୍ଷ ହେବାକୁ ଥିବା ଦୁଇ ବର୍ଷୀଆ ପ୍ରଗାଢ଼ ଅଗ୍ରୀମ ପାଠ୍ୟକ୍ରମ (Intensive Advanced Course) ଅଧ୍ୟୟନ ନିମନ୍ତେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶିକ୍ଷାନବୀଶ ତଥା ଛାତ୍ରଛାତ୍ରୀଙ୍କୁ ଓଡିଶୀ ନୃତ୍ୟ ଓ ସଙ୍ଗୀତ ଶିକ୍ଷା ପ୍ରଦାନ କରାଯିବ ।

ଏହି ପରିପ୍ରେକ୍ଷୀରେ ଆପଣଙ୍କ ଗୋଷ୍ଠୀ/ ପୌରପରିଷଦ ଅଧୀନରେ ଥିବା ଯୋଗ୍ୟ ଆଗ୍ରହୀ ଛାତ୍ରଛାତ୍ରୀଙ୍କ ସବିଶେଷ ତଥ୍ୟ ନିମ୍ନ ସ୍ୱାକ୍ଷରକାରୀଙ୍କୁ ତିନି ଦିନ ମଧ୍ୟରେ ପ୍ରଦାନ ନିମନ୍ତେ ଅନୁରୋଧ କରାଗଲା ।

ଆପଣଙ୍କ ବିଶ୍ୱସ୍ତ,

ଜିଲ୍ଲା ସଂସ୍କୃତି ଅଧିକାରୀ, କେନ୍ଦୁଝର

**ଜ୍ଞାପକ ସଂଖ୍ୟା. ୧୦୨୦ / ସଂସ୍କୃତି / ତା. ୧୮.୧୦.୨୦୨୫**

ଏହାର ଏକକିତା ନକଲ ଜିଲ୍ଲାପାଳ, କେନ୍ଦୁଝରଙ୍କ ସଦୟ ଅବଗତି ନିମନ୍ତେ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକଙ୍କ ନିକଟକୁ ପ୍ରେରଣ କରାଗଲା ।

ଜିଲ୍ଲା ସଂସ୍କୃତି ଅଧିକାରୀ, କେନ୍ଦୁଝର

# ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର
# GKCM ODISSI RESEARCH CENTRE

ପ୍ଲଟ୍ ନଂ-୧/ଏ, ଜୟଦେବ ବିହାର, ଜାଭିୟର ସ୍କୋୟାର୍, ଭୁବନେଶ୍ୱର-୧୩
Website-www.gkcmorc.org, Email-gkcmorc@gmail.com

ପତ୍ର ସଂଖ୍ୟା. ୬୬୪ ତା. ୧୬.୧୦.୨୦୨୪

ପ୍ରେରକ :

ପ୍ରଶାସନିକ ଅଧିକାରୀ
ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଭୁବନେଶ୍ୱର ।

ପ୍ରାପ୍ତେଷୁ :

ସମସ୍ତ ଜିଲ୍ଲାପାଳ
ଓଡ଼ିଶା

ବିଷୟ : ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ଶିକ୍ଷା ସମ୍ବନ୍ଧରେ ।

ମହାଶୟ,

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଚଳିତ ବର୍ଷ ହେବାକୁ ଥିବା ଦୁଇ ବର୍ଷିଆ ପ୍ରଗାଢ଼ ଅଗ୍ରୀମ ପାଠ୍ୟକ୍ରମ (Intensive Advance Course) ନିମନ୍ତେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶିକ୍ଷାନବୀଶ ତଥା ଛାତ୍ରଛାତ୍ରୀଙ୍କୁ ଚୟନ କରି ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ଶିକ୍ଷା ପ୍ରଦାନ କରାଯିବ ।

ଓଡ଼ିଶୀ ନୃତ୍ୟ ଓ ଓଡ଼ିଶୀ ସଂଗୀତର ପ୍ରଚାର ଏବଂ ପ୍ରସାର ତଥା ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଅନୁସନ୍ଧାନ କରିବା ଉଦ୍ଦେଶ୍ୟ ନେଇ ଏହି ଅନୁଷ୍ଠାନ ୧୯୮୬ ମସିହାରୁ ବିଭିନ୍ନ କାର୍ଯ୍ୟକରି ଆସୁଅଛି । ଅନେକ ଗୁଡ଼ିଏ ଦୃଷ୍ଟାନ୍ତମୂଳକ କାର୍ଯ୍ୟ ମଧ୍ୟରୁ 'ପ୍ରଗାଢ଼ ଅଗ୍ରୀମ ପାଠ୍ୟକ୍ରମ' (Intensive Advance Course) ଅନ୍ୟତମ । ଏଥିରେ ଛାତ୍ରଛାତ୍ରୀମାନଙ୍କୁ ଅତ୍ୟାଧୁନିକ ହଷ୍ଟେଲ୍‌ର ସୁବିଧା ସହିତ ମାସିକ ଟ.୫୦୦୦/-ଙ୍କା ହାରରେ ଷ୍ଟାଇପେଣ୍ଡ ପ୍ରଦାନ କରିବାର ବ୍ୟବସ୍ଥା ରହିଅଛି ।

ଏଣୁ ନିର୍ଦ୍ଦେଶିତ ହୋଇ ଆପଣଙ୍କୁ ଜଣାଉଅଛିକି ଆପଣ ଆପଣଙ୍କ ଜିଲ୍ଲାର ଜିଲ୍ଲା ସଂସ୍କୃତି ଅଧିକାରୀମାନଙ୍କୁ ଅବଗତ ପୂର୍ବକ ଆଗ୍ରହୀ ଛାତ୍ରଛାତ୍ରୀଙ୍କ ସବିଶେଷ ତଥ୍ୟ ପ୍ରଦାନ କରିବାରେ ସହାୟତା କରିବାକୁ ଆପଣଙ୍କୁ ବିଶେଷ ଅନୁରୋଧ କରୁଅଛି ।

ବି.ଦ୍ର : ଖବରକାଗଜ ଗୁଡ଼ିକରେ ପ୍ରକାଶିତ ବିଜ୍ଞାପନ ଏଥିରେ ସଂଲଗ୍ନ କରାଗଲା ।

୧୬/୧୦/୨୪
ପ୍ରଶାସନିକ ଅଧିକାରୀ

# ବିଜ୍ଞାପନ

## ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର

ପ୍ଲଟ ନଂ-୧/ଏ, ଜାଭିୟର୍ ଛକ, ଜୟଦେବ ବିହାର, ଭୁବନେଶ୍ୱର – ୭୫୧୦୧୩
**Email:gkcmorc@gmail.com, Website: gkcmorc.org**

ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଓଡ଼ିଶୀ ନୃତ୍ୟ ଏବଂ ସଙ୍ଗୀତ (କଣ୍ଠ,ମର୍ଦ୍ଦଳ, ଯନ୍ତ୍ର ସଙ୍ଗୀତ)ରେ ଦୁଇ ବର୍ଷିଆ ପ୍ରଗାଢ ଅଗ୍ରୀମ ପାଠ୍ୟକ୍ରମ (Intensive advanced Course) ନିମନ୍ତେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଛାତ୍ରଛାତ୍ରୀ ଗ୍ରହଣ କରାଯିବ । ଶିକ୍ଷା ନବିଶମାନଙ୍କୁ ରହିବା ପାଇଁ ହଷ୍ଟେଲ୍‌ର ସୁବିଧା ସହିତ ମାସିକ ଟ.୫୦୦୦/- ହାରରେ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ । ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀମାନେ ସବିଶେଷ ବିବରଣୀ ଏବଂ ଫଟୋଗ୍ରାଫ୍ ସହିତ ବିଜ୍ଞାପନ ପ୍ରକାଶିତ ହେବାର ୪୦ଦିନ ମଧ୍ୟରେ ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀନୀ/ପ୍ରାର୍ଥୀମାନେ ଉପରୋକ୍ତ Website କୁ ଯାଇ Online ମାଧ୍ୟମରେ ଆବେଦନ କରିପାରିବେ କିମ୍ବା Website ରୁ Application form download କରି ଡାକ ଦ୍ୱାରା ମଧ୍ୟ ଆବେଦନ କରିପାରିବେ ।

ନୃତ୍ୟ ଏବଂ ସଂଗୀତର ପ୍ରତିଷ୍ଠିତ ଗୁରୁମାନଙ୍କ ଦ୍ୱାରା ଶିକ୍ଷାଦାନ ଦିଆଯିବ । ଛାତ୍ରଛାତ୍ରୀଙ୍କର ସର୍ବାଙ୍ଗୀନ ଉନ୍ନତି ସାଧନ ନିମନ୍ତେ ନୃତ୍ୟ-ସଂଗୀତ ସହିତ ଆନୁସଂଗିକ ବିଷୟ ଗୁଡ଼ିକର ମଧ୍ୟ ପ୍ରଶିକ୍ଷଣ ଦିଆଯିବ ।

## ଆବଶ୍ୟକୀୟ ଯୋଗ୍ୟତା

(୧) ପ୍ରାର୍ଥୀଙ୍କର ବୟସ ସୀମା ୧୮ ବର୍ଷରୁ ୩୦ ବର୍ଷ ମଧ୍ୟରେ ହୋଇଥିବ । (୨) ପ୍ରାର୍ଥୀ କୌଣସି ବିଶ୍ୱବିଦ୍ୟାଳୟ କିମ୍ବା ତତୁଲ୍ୟ ସ୍ୱୀକୃତିପ୍ରାପ୍ତ ନୃତ୍ୟ ଏବଂ ସଙ୍ଗୀତରେ ଉଚ୍ଚତର ଶିକ୍ଷା ଲାଭ କରିଥିବେ କିମ୍ବା ପ୍ରତିଷ୍ଠିତ ଗୁରୁଙ୍କ ଅଧୀନରେ ଅନ୍ୟୁନ ୬ ବର୍ଷ ଶିକ୍ଷା ଲାଭ କରିଥିବେ । (୩) ସାଧାରଣ ଶିକ୍ଷା କ୍ଷେତ୍ରରେ ଅନ୍ୟୁନ ମାଟ୍ରିକ୍ ପାସ୍ କରିଥିବେ । (୪) ଶିକ୍ଷାର୍ଥୀମାନଙ୍କର ପରିବେଷଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ।

**ବିଶେଷ ଦ୍ରଷ୍ଟବ୍ୟ :** ଏହି ପାଠ୍ୟକ୍ରମ ୨୦୨୬ ଜାନୁୟାରୀ ମାସରୁ ଆରମ୍ଭ କରାଯିବ । ନୃତ୍ୟ ଏବଂ ସଂଗୀତ ବିଭାଗ ନିମନ୍ତେ ପ୍ରାର୍ଥୀ ପୃଥକ ପୃଥକ ଭାବରେ ଆବେଦନ କରିବେ ।

ମୁଖ୍ୟ ନିର୍ବାହୀ